ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

**କଣ୍ଷ୍ଟ୍ରାକ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ**

ତା 25.03.2015 ରିଖ

ସମୟ -ଅପରାହ୍ନ ଘ. 4.00 ଟିକା
ସ୍ଥାନ - ମେୟରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଅନନ୍ତ ନାରାୟଣ ଜେନା, ମେୟର-ତଥା-ସଭାପତି,
୨. ଶ୍ରୀ ନିହାର ରଞ୍ଜନ ସାହୁ,
୩. ଶ୍ରୀ ପ୍ରେମାନନ୍ଦ ଜେନା,
୪. ଶ୍ରୀ ଦିଲ୍ଲିପ କୁମାର ମାଝୀ,
୫. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍, ପବ୍ଲିକ୍ ୱ୍ାର୍କସ୍ ଷ୍ଟାଣ୍ଡି କମିଟି,
୬. ଡ. କ୍ରିଷନ୍ କୁମାର, ଆଇ.ଏ.ଏସ୍. ମ୍ୟୁନିସିପାଲ କମିଶନର,

ଅଦ୍ୟ ତା 25.03.2015 ରିଖ ଅପରାହ୍ନ ଘ. 4.00 ଟିକା ସମୟରେ ମେୟରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭୁବନେଶ୍ୱର ମହାନଗର ନିଗମର କଣ୍ଷ୍ଟ୍ରାକ୍ସ ଷ୍ଟାଣ୍ଡି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଭାପତି ଶ୍ରୀ ଅନନ୍ତ ନାରାୟଣ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ -୧. ଭୁବନେଶ୍ୱର ମହାନଗର ନିଗମ ନିବିଦା ସଂଖ୍ୟା-BMC -EED-1-06/2014-15 ତା 06.01.2015 ରିଖର କ୍ରମିକ ନଂ-୧ରେ କାନନ ବିହାର ଫେଜ୍-୧, ପଟିଆ, ୱାର୍ଡ ନଂ-୩ରେ ରାସ୍ତା ଓ ନାଳ ନିର୍ମାଣ ପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଏଥିରେ ଜଣେ ମାତ୍ର ଠିକାଦାର ଅଂଶ ଗ୍ରହଣ କରିଛନ୍ତି । ପୂର୍ବରୁ ମଧ ଉକ୍ତ କାର୍ଯ୍ୟ ପାଇଁ ନିବିଦା ସଂଖ୍ୟା-BMC-EED-1-03/14-15 Dt. 11.10.2014 ର କ୍ରମିକ ନଂ-୮ରେ Tender ଆହ୍ୱାନ କରାଯାଇଥିଲା । ଏଥିରେ ୩ ଜଣ ଠିକାଦାର ଅଂଶ ଗ୍ରହଣ କରିଥିଲେ । କିନ୍ତୁ ସେମାନଙ୍କ ମଧରୁ ୨ ଜଣ ଠିକାଦାର ଠିକ୍ / ଆବଶ୍ୟକ କାଗଜପତ୍ର ଦାଖଲ କରିନଥିବାରୁ ସେମାନଙ୍କର ନିବିଦା ରଦ୍ଦ ହୋଇଥିଲା ଓ ଏକମାତ୍ର ବିଧିମାନ୍ୟ ନିବିଦା ରହିଥିଲା । ସେଥିପାଇଁ H & UD Deptt. Ltr. No-3863, Dt. 28.1.2013 ଅନୁଯାୟୀ ଏହା Single Tender on Ist Attempt ରୂପେ ବିବେଚିତ ହୋଇ କମିଟି ନିର୍ଦ୍ଧାରଣ ସଂଖ୍ୟା-୧, ତା ୩.୧.୨୦୧୪ ରିଖରେ ଉପରୋକ୍ତ କାମ ପାଇଁ ଆହ୍ୱାନ ହୋଇଥିବା ନିବିଦାକୁ ରଦ୍ଦ (Cancel) କରାଯାଇଥିଲା । ନଥି ନଂ- XXIX-Divn.-I-1200/2013 ଟିପ୍ପଣି ପୃଷ୍ଠା-୧୦ରୁ ୧୨ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ପୁନର୍ବାର ନିବିଦା ଆହ୍ୱାନ ପରେ ମିଳିଥିବା Single Tender ଶ୍ରୀ ଅକ୍ଷୟ କୁମାର ସେଠୀଙ୍କ ଦର ମାତ୍ର ଯାହାକି ଅଟକଳ ମୂଲ୍ୟ ଟ. ୨,୦୫,୪୬୯ /- ମାତ୍ର ଠାରୁ (-)୧୦% କମ୍ ଦରରେ ଗ୍ରହଣ/ ଅନୁମୋଦନ କରିବା ପାଇଁ ରାଜ୍ୟ ସରକାରଙ୍କ ନିକଟକୁ ପଠାଇବା ସମ୍ପର୍କରେ କମିଟିଙ୍କ ବିଗ୍ଚର :-

ନିର୍ଦ୍ଧାରଣ -୧. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟ ପାଇଁ ମିଳିଥିବା ଏକକ ନିବିଦା (Single Tender) କୁ କାର୍ଯ୍ୟର ଜରୁରୀ ଆବଶ୍ୟକତା ଦୃଷ୍ଟେ ରଦ୍ଦ (Cancel) କରାଗଲା ଏବଂ ସ୍ୱ-ବିଭାଗ (Departmentally) ମାଧମରେ କରିବା ପାଇଁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହେଲା ।

ପ୍ରସ୍ତାବ -୨. ଭୁବନେଶ୍ୱର ମହାନଗର ନିଗମରେ JnNURM ପ୍ରକଳ୍ପ ଅଧିନରେ ଏକ Project Implimentation Unit (PIU) ତା 12.9.2012 ରିଖରୁ ଆରମ୍ଭ ହୋଇ ତା 31.3.2014 ରିଖରେ ଶେଷ ହୋଇଥିଲା । ଏହି ପ୍ରକଳ୍ପ ପାଇଁ M/s. Aarvee Associaty Architects, Engineers & Consultants (P) Ltd. ନିବିଦା ମାଧମରେ ୫ ଜଣ Specialist ବାର୍ଷିକ ଟ. ୨୬,୬୮,୦୦୦/- ମାତ୍ରରେ ଯୋଗାଇ ଦେଇଥିଲେ । M/s. Aarvee Associaty ତାଙ୍କର Consultancy ପାଉଣା ତା 12.9.2012 ରିଖ ଠାରୁ ଜୁନ୍-୨୦୧୩ ପର୍ଯ୍ୟନ୍ତ ପାଇଛନ୍ତି । କିନ୍ତୁ ଜୁଲାଇ-୨୦୧୩ ଠାରୁ ମାର୍ଚ୍ଚ-୨୦୧୪ ପର୍ଯ୍ୟନ୍ତ ମୋଟ ଟ.୧୯,୦୨,୮୭୦/- ମାତ୍ର ପାଇବାର ଅଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ ଟ. ୨୧,୮୬,୪୨୫/- ମାତ୍ର ପ୍ରଦାନ କରିବା ପାଇଁ କାର୍ଯ୍ୟାଳୟ ପତ୍ର ସଂଖ୍ୟା-24786/, ତା 30.11.2013 ରିଖ ଓ ପତ୍ର ସଂଖ୍ୟା- 7193/, ତା 30.5.2014 ରିଖ ଓ ପତ୍ର ସଂଖ୍ୟା- 5260/, ତା 26.2.2015 ରିଖରେ ଅନୁରୋଧ କରାଯାଇଅଛି । କିନ୍ତୁ ରାଜ୍ୟ ସରକାରଙ୍କ ଠାରୁ ଉକ୍ତ ଅର୍ଥ ମିଳିନାହିଁ । ଏଣୁ M/s. Aarvee Associaty Architects, Engineers & Consultants (P) Ltd. ତାଙ୍କ ବଳକା ପ୍ରାପ୍ୟ ବାବଦରେ ଟ. ୧,୦୨,୮୭୦/- ମାତ୍ର ଭୁବନେଶ୍ୱର ମହାନଗର ନିଗମ ପାଣ୍ଠିରୁ ପଇଠ କରାଯିବା ଏବଂ ରାଜ୍ୟ ସରକାରଙ୍କ ଠାରୁ ଉକ୍ତ ଅର୍ଥ ମିଳିଲା ପରେ ଏହା ଭୁବନେଶ୍ୱର ମହାନଗର ନିଗମ ପାଣ୍ଠିରେ ଭରଣା କରାଯିବା ସମ୍ପର୍କରେ କମିଟିଙ୍କ ବିଗ୍ଚର :-(ନଥି ନଂ- XXXXVI-JnNURM-10/2015 ଟିପ୍ପଣୀ ପୃଷ୍ଠା-୧୦୯ ରୁ ୧୧୧ ଦ୍ରଷ୍ଟବ୍ୟ)

ନିର୍ଦ୍ଧାରଣ -୨. ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବସମ୍ମତିକ୍ରମେ କର୍ପୋରେସନକୁ ସୁପାରିଶ କରାଗଲା ।

ପ୍ରସ୍ତାବ -୩. ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ବିଭିନ୍ନ ବୈଦ୍ୟୁତିକ /ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ ଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡିକ ଯାଞ୍ଚ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଗ୍ଚର :-

| କ୍ର. ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ ଅଧିକ % |
|---|---|---|---|---|---|
| 1. | Imprv. of road & Constn. of drain inside Ekamra Villa in W.No-15<br>File No-XXIX-PW-Divn. I-1135/2014 | Rs.30,04,577.00 | Rs.31,24,760.00 | A.C.Mohanty | 4.0<br>W.B-2014-15 |
| 2. | Constn. of drain from Khushi Hotel to main drain in Ward No-63<br>File No-XXIX-PW-Divn.-I-1259/2014 | Rs.8,94,227.00 | Rs.9,29,906.00 | Sanat Mishra | 3.99<br>W.B-2014-15 |
| 3. | Constn. of cover slab near existing BMC drain from Munda Sahi to Sunadei Mandir at Acharya Vihar in Ward No-28<br>File No-XXIX-PW-Divn.-I-1317/2014 | Rs.3,17,710.00 | Rs.3,17,710.00 | S.K.Sethi (S.C.) | 00<br>W.B-2014-15 |
| 4. | Constn. of drain from A/41 to A/17 at Baramunda in Ward No-18 (New Ward No-24)<br>File No-XXIX-PW-Divn.-I-1503/2012 | Rs.8,69,145.00 | Rs.9,12,603.00 | Sukanta Ku. Barik | 5<br>as per 2012 SOR<br>Re-tender work of<br>W.B-2012-13 |
| 5. | Constn. of RCC drain from Maulana Nurulla house towards Gadi and Dargha Pokhari at Jadupur in W.No-64<br>File No-XXIX-PW-Divn.-I-1189/2014 | Rs.13,60,413.00 | Rs.14,27,073.00 | Abdul Khalik Khan | 4.90<br>W.B-2014-15 |
| 6. | Provision of Street light from Badagad Chhak drain No-5 to Plot No-145/HAL/1635<br>File No-XXVII-105/2014 | Rs.7,14,046.00 | Rs.7,49,677.00 | M/s. Prachi Elect. | 4.99 |
| 7. | Provision of Street light to different location of Ward No-35<br>File No-XXVII-176/2014 | Rs.10,48,704.00 | Rs.11,01,139.00 | M/s. INDO Elect. | 5.00 |
| 8. | Provision of Street light in different location of Ward No-59<br>File No-XXVII-177/2014 | Rs.9,23,827.00 | Rs.9,56,068.00 | M/s. Techno Elect. | 3.49 |
| 9. | Provision of High Mast light & Installation of Pole with S.V. Light in Ward No-07<br>File No-XXVII-174/2014 | Rs.8,94,964.00 | Rs.9,17,249.00 | M/s. Techno Elect. | 2.49 |
| 10. | Renov. of road at Narada Sahi, Old Town in Ward No-54<br>File No-XXIX-PW-Divn.-II-203/2014 | Rs.1,18,494.00 | Rs.1,23,826.00 | P.K.Pujapanda | 4.50<br>W.B-2014-15 |

| | | | | | |
|---|---|---|---|---|---|
| 11. | Constn. of Boundary wall & repaire path way at Unit-9 Park near BSNL Office in Ward No-29<br>File No-XXIX-PW-Divn.-II-121/2014 | Rs.22,19,821.82 | Rs.23,28,593.00 | R.K.Sahoo | 4.9<br>BMC Fund |

ନିର୍ଦ୍ଧାରଣ -୩. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ- ୨, ୩, ୪, ୬, ୮, ୯ ଓ ୧୦ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱ ଲିଖିତ ମତେ ସର୍ବ ନିମ୍ନ ଦରଦାତାଙ୍କର ସର୍ବ ନିମ୍ନ ବୁଝାମଣାକୃତ ଦର ସର୍ବସମ୍ମତି କ୍ରମେ ଗ୍ରହଣ / ଅନୁମୋଦନ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ.- ୧ , ୫, ୭ ଓ ୧୧ ମଧ୍ୟରେ ଉଲ୍ଲିଖିତ କାର୍ଯ୍ୟର ଅଟକଳ ପରିମାଣ ଓ ସଂପୃକ୍ତ କାର୍ଯ୍ୟର ପାର୍ଶ୍ୱଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ବୁଝାମଣାକୃତ ଦର ୧୦ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବାରୁ OMC Act-2003 ର ଧାରା-277(2)(d) ମତେ ଏହା ଗ୍ରହଣ / ଅନୁମୋଦନ କରିବା ନିମନ୍ତେ ସର୍ବସମ୍ମତି କ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ -୪. ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ବିଭିନ୍ନ ବୈଦ୍ୟୁତିକ /ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇ ଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡିକ ଯାଞ୍ଚ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣା କୃତଦର OPWD Code ଅନୁଯାୟୀ ସର୍ତ୍ତ ମୂଳକ ଭାବେ ଗ୍ରହଣ/ଅନୁମୋଦନ କରିବା ନିମନ୍ତେ କମିଟିଙ୍କ ବିଚାର :-

| କ୍ର. ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳ ମୂଲ୍ୟ ଉପରେ କମ୍ % |
|---|---|---|---|---|---|
| 1. | Renovation of drain & road from Pl.No-301 to 1309 at Sastri Nagar, Nayapalli in Ward No-37<br>File No-XXIX-PW-Divn.-I-1203/2014 | Rs.19,46,907.00 | Rs.18,78,571.00 | Bibekananda Panda | 3.51<br>W.B-2014-15 |
| 2. | Impro. of Road near Pl.No-665/5133 at Shree Vihar of Patia in Ward No-3<br>File No-XXIX-PW-Divn.-I-1103/2014 | Rs.10,46,553.00 | Rs.8,89,175.00 | A. Sethi (S.C.) | 14.99<br>W.B-2014-15 |
| 3. | Installation of Pole with S.V. Light at Ward No-03<br>File No-XXVII-91/2014 | Rs.8,29,898.00 | Rs.8,00,852.00 | M/s. Modren Winding & Elect. | 3.5 |
| 4. | Provision of High Mast light and Installation of Pole with S.V.lights in Ward No-14<br>File No-XXVII-173/2014 | Rs.9,44,330.00 | Rs.8,75,394.00 | M/s. Parsuram Dikhit | 7.3 |
| 5. | Provision of High mast light & Installation of Pole S.V. light in Ward No-18<br>File No-XXVII-122/2014 | Rs.9,54,994.00 | Rs.8,97,695.00 | M/s. Modren Windings Elect. | 6.00 |
| 6. | Installation of Poles with S.V. Lights in Ward No-8<br>File No-XXVII-172/2014 | Rs.9,70,954.00 | Rs.9,09,784.00 | M/s. Parsuram Dikhit | 6.3 |
| 7. | Installation of Poles with S.V.Lights in Ward No-26<br>File No-XXVII-161/2014 | Rs.9,48,933.00 | Rs.9,39,443.00 | M/s. Glorious Engg. & Elect. | 1.00 |
| 8. | Installation of Pole with S.V.Lights in Ward No-24<br>File No-XXVII-171/2014 | Rs.9,19,454.00 | Rs.8,82,676.00 | M/s.Glorious Engg. & Elect. | 4.00 |

| | | | | | |
|---|---|---|---|---|---|
| 9. | Renov. of drain from Plot No-MB-36 to MB-25 at Badagada BRIT Colony in Ward No-57<br>File No-XXIX-PW-Divn.-II-207/2014 | Rs.12,42,523.00 | Rs.10,56,269.00 | Ram Ch. Behera | 14.99<br>W.B-2014-15 |
| 10. | Restoration of road damaged due to Sewerage work of OWSSB Bhakta Madhu Nagar lane-4 in Ward No-62<br>File No-XXIX-PW-Divn.-I-1081/2014 | Rs.36,35,497.00 | Rs.33,26,480.00 | Rashmikanta Dash | 8.5<br>OWSSB Fund Expected & BMC Fund |
| 11. | Provision of Street light in different location of Ward No-46<br>File No-XXVII-141/2014 | Rs.7,25,228.00 | Rs.6,78,813.00 | M/s. Parsuram Dikhit | 6.4 |

ନିର୍ଦ୍ଧାରଣ -୪. କ୍ର.ନଂ- ୩, ୪, ୫, ୭, ୬, ୮ ଓ ୧୧ ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବ ନିମ୍ନ ଦରଦାତାଙ୍କର ସର୍ବନିମ୍ନ ବୁଝାମଣା କୃତ ଦର ସର୍ବସମ୍ମତି କ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ- ୧ ଓ ୧୦ ମଧ୍ୟରେ ଉଲ୍ଲିଖିତ କାର୍ଯ୍ୟ ଗୁଡିକର ଅଟକଳ ପରିମାଣ ଓ ସଂପୃକ୍ତ କାର୍ଯ୍ୟର ପାର୍ଶ୍ୱଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ବୁଝାମଣା କୃତ ଦର ୧୦ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବାରୁ OMC Act-2003 ର ଧାରା- 277(2)(d) ମତେ ଏହା ଗ୍ରହଣ/ ଅନୁମୋଦନ କରିବା ପାଇଁ ସର୍ବସମ୍ମତି କ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

କ୍ର.ନଂ-୨ ଓ ୯ ମଧ୍ୟରେ ଉଲ୍ଲିଖିତ କାର୍ଯ୍ୟ ଗୁଡିକର ପାଶ୍ୱଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ବୁଝାମଣା କୃତ ଦର ଅଟକଳ ମୂଲ୍ୟ ଠାରୁ ୧୦% ରୁ ଅଧିକ କମ୍ (Less) ହୋଇଥିବାରୁ ତଥା ୧୦ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବାରୁ OMC Act-2003 ର ଧାରା- 277(2)(d) ମତେ ଏବଂ OPWD Code ଅନୁଯାୟୀ ସର୍ତ୍ତମୂଳକ ଭାବେ ଗ୍ରହଣ/ ଅନୁମୋଦନ କରିବା ପାଇଁ ସର୍ବସମ୍ମତିକ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ -୫. ଭୁବନେଶ୍ୱର ମହାନଗର ନିଗମାଞ୍ଚଳର ଜନସାଧାରଣ କରୁଥିବା ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ନିଗମର ଦଶ ଜଣ ସାନିଟାରୀ ଇନ୍ସେକ୍ଟରଙ୍କୁ ଯୋଗାଇ ଦିଆଯାଇଥିବା ଦଶଟି ସ୍ମାର୍ଟ ଗାଲାକ୍ସି- ଷ୍ଟାର-୨ର ଖର୍ଚ୍ଚ ଟ. ୪୫,୦୦୦/- (ପଇଁଚାଳିଶ ହଜାର ଟଙ୍କା) ମାତ୍ର ଭାଉଚର ନଂ-୨୦୦୮, ତା ୧୮.୨.୨୦୧୫ ରିଖ ମାଧ୍ୟମରେ ପଇଠ କରାଯାଇଅଛି । ଏହାର କାର୍ଯ୍ୟୋତ୍ତର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର :-(ନଥି ନଂ- XXXXX-ITPMU-03/2015 ଟିପ୍ପଣୀ ପୃଷ୍ଠା-୬ ରୁ ୭ ଦ୍ରଷ୍ଟବ୍ୟ)

ନିର୍ଦ୍ଧାରଣ -୫. ସର୍ବସମ୍ମତି କ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତ୍ତର ଅନୁମୋଦନ କରାଗଲା ।

ପ୍ରସ୍ତାବ -୬. ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ-୧୮ (ପୁରୁଣା) (ନୂଆ-୨୪) ବରମୁଣ୍ଡା ଅଞ୍ଚଳରେ Renovation of culvert & Construction of drain from L-407 to M-48 ନିମନ୍ତେ ଠିକାଦାର ଶ୍ରୀଯୁକ୍ତ ଶୁସାଂଶୁ ମିଶ୍ରଙ୍କୁ କାର୍ଯ୍ୟ କରିବା ପାଇଁ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୨୨୧୭୩, ତା ୦୫.୧୧.୨୦୧୩ ରିଖରେ ତା ୨୮.୧୦.୨୦୧୩ ରିଖ ଠାରୁ ଆରମ୍ଭ ହୋଇ ତା ୨୭.୧୧.୨୦୧୩ ରିଖ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଦୀର୍ଘ ଦିନ ବିତି ଯାଇଥିଲେ ମଧ ଶ୍ରୀ ମିଶ୍ର କାର୍ଯ୍ୟଟିକୁ ଆରମ୍ଭ କଲେ ନାହିଁ । ଇତି ମଧ୍ୟରେ କାର୍ଯ୍ୟାଳୟ ତରଫରୁ Show cause Reply ପତ୍ର ସଂଖ୍ୟା-୨୩୨୧, ତା ୨୮.୧.୨୦୧୫ ରିଖ ମାଧ୍ୟମରେ ୧୫ (ପନ୍ଦର) ଦିନ ମଧ୍ୟରେ ଉତ୍ତର ଦେବା ପାଇଁ ଜଣାଇ ଦିଆଯାଇଥିଲେ ମଧ ସଂପୃକ୍ତ ଠିକାଦାରଙ୍କ ଠାରୁ କୌଣସି ଉତ୍ତର ମିଳି ନଥିଲା । ତେଣୁ ଠିକାଦାର ଶ୍ରୀ ମିଶ୍ରଙ୍କ ସହିତ ହୋଇଥିବା Agreement କୁ OPWD Code ଅନୁଯାୟୀ 20% Penaltyon Agreement Value impose କରି ନାକଚ (Rescind) କରିବା ଓ ଶ୍ରୀ ମିଶ୍ର ଠିକାଦାରଙ୍କୁ ୩ ବର୍ଷ ପର୍ଯ୍ୟନ୍ତ BMC Tender Process ରୁ ବଞ୍ଚିତ କରିବା ସମ୍ପର୍କରେ କମିଟିଙ୍କ ବିଚାର :-(ନଥି ନଂ- XXIX-Divn.-I-1017/2011 )

ନିର୍ଦ୍ଧାରଣ -୬. ଏ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ -୭. ଭୁବନେଶ୍ୱର ମହାନଗର ନିଗମ ୱାର୍ଡ ନଂ-୪୧ରେ Constn. of CC road & drain from Kalyan Mandap Chhak to house of D. Hali at Badagada Village କାର୍ଯ୍ୟ ପାଇଁ ଶ୍ରୀ ପ୍ରଦୀପ କୁମାର ସ୍ୱାଇଁଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା । ମାତ୍ର ସ୍ଥଳ ପରିଦର୍ଶନ ସମୟରେ ନାଳର ଅବସ୍ଥା ଅପେକ୍ଷାକୃତ ଭାବେ ଭଲ ଥିବା ଜଣାପଡିଥିଲା । ସ୍ଥାନୀୟ କର୍ପୋରେଟରଙ୍କ ଅନୁରୋଧ ଅନୁଯାୟୀ ରାସ୍ତାକୁ ଜବରଦଖଲ ମୁକ୍ତ ରଖିବା ପାଇଁ ୫ ମିଟର ରାସ୍ତା ପରିବର୍ତ୍ତେ ରାସ୍ତାର ସମଗ୍ର ଚଉଡାକୁ କଂକ୍ରିଟ୍ କରାଯାଇଥିଲା । ନାଳ ନିର୍ମାଣ ବାବଦୀୟ ବଳକା ଅର୍ଥରୁ ରାସ୍ତାର ଅଧିକ ଚଉଡା କଂକ୍ରିଟ୍ କାର୍ଯ୍ୟ କମିଶନରଙ୍କ ଅନୁମୋଦନ କ୍ରମେ କରାଯାଇଥିଲା । ଏହି କାର୍ଯ୍ୟରେ ଚୁକ୍ତିନାମା ମୂଲ୍ୟ ଟ.୩୦,୭୦,୨୧୧/- ମାତ୍ର ତୁଳନାରେ କାର୍ଯ୍ୟଟି ଟ. ୨୨,୯୨,୬୦୨/- ମାତ୍ର ମୂଲ୍ୟରେ ସମାପ୍ତ ହୋଇଅଛି । ନଥି ନଂ- XXIX-Divn.-II-391/2012 ଟିପ୍ପଣୀ ପୃଷ୍ଠା-୧୩ ରୁ ୧୫ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଉକ୍ତ କାର୍ଯ୍ୟ ନିମନ୍ତେ ହୋଇଥିବା ଚୁକ୍ତିପତ୍ରକୁ ବନ୍ଦ (Close) କରିବା ସମ୍ପର୍କରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ -୭. ଏ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ -୮. ଭୁବନେଶ୍ୱର ମହାନଗର ନିଗମର ଜନସାଧାରଣଙ୍କୁ ଚଳିତ ଗ୍ରୀଷ୍ମ ଋତୁରେ ନିଗମାଞ୍ଚଳର ବିଭିନ୍ନ ସ୍ଥାନରେ ଜଳଛତ୍ର ବ୍ୟବସ୍ଥା କରିବା ନିମନ୍ତେ ଗତ ତା ୧୨.୩.୨୦୧୫ ରିଖରେ ମାନ୍ୟବର ମେୟରଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ଥିବା ୫ ଗୋଟି Water Tanker ଜଳ ଯୋଗାଣ ନିମନ୍ତେ ଯଥେଷ୍ଟ ହୋଇ ନଥିବାରୁ ଆଉ ୩ ଗୋଟି Water Tanker ଭଡା ସୂତ୍ରରେ ଆସନ୍ତା ଜୁନ୍-୩୦ ତାରିଖ ପର୍ଯ୍ୟନ୍ତ ଲଗାଇବା ପାଇଁ ନିଷ୍ପତ୍ତି ନିଆଯାଇଅଛି । ନଥି ନଂ- XXXVI-22/ 2014 ଟିପ୍ପଣୀ ପୃଷ୍ଠା-୨୫ ରୁ ୨୬ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଆସନ୍ତା ଜଳଛତ୍ର ନିମନ୍ତେ ୩ ଗୋଟି Water Tanker ଭଡା ସୂତ୍ରରେ ତା ୩୦.୬.୨୦୧୫ ରିଖ ପର୍ଯ୍ୟନ୍ତ ନିୟୋଜିତ କରିବା ସମ୍ପର୍କରେ କମିଟିଙ୍କ ବିଚ୍ଚର :-

ନିର୍ଦ୍ଧାରଣ -୮. ଏ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୯. ଭୁବନେଶ୍ୱର ମହାନଗର ନିଗମ ଅଧିନରେ ପରିଚ୍ଳିତ ପାର୍କିଂ ସ୍ଥାନ ଗୁଡିକ ମଧ୍ୟରୁ ୩୧ ଗୋଟି ପାର୍କିଂ ସ୍ଥାନକୁ ନିଲାମ କରିବା ନିମନ୍ତେ ନିଗମ ପତ୍ର ସଂଖ୍ୟା-୫୬୨୪, ତା ୦୨.୩.୨୦୧୫ ରିଖରେ ନିବିଦା ଆହ୍ୱାନ କରାଯାଇଥିଲା । ପ୍ରକାଶ ଥାଉକି ୩୧ ଗୋଟି ପାର୍କିଂ ସ୍ଥାନ ମଧ୍ୟରୁ କେବଳ ନିମ୍ନ ବର୍ଣ୍ଣିତ ମତେ କ୍ର.ନଂ- ୧ ଠାରୁ ୮ ମଧ୍ୟରେ ନିବିଦା ଦରଖାସ୍ତ ହସ୍ତଗତ ହୋଇଥିଲେ ହେଁ, ଅବଶିଷ୍ଟ ୨୩ ଗୋଟି ପାର୍କିଂ ସ୍ଥାନ ପାଇଁ କୌଣସି ନିବିଦା ହସ୍ତଗତ ହୋଇନଥିଲା ।

| Sl.No. | Name of the Parking Slot | Upset Price | Bid Amount | Name of the Bidder |
|---|---|---|---|---|
| 1 | Back side of Kalamandir Unit-II, BBSR | Rs. 6,50,000.00 | Rs. 14,21,000.00 | Sri Debadutta Sahoo (Highest Bidder) |
| | | | Rs.9,00,000 | Sri Asit Pattanaik (2nd Bidder) |
| | | | Rs.8,38,000.00 | Sibananda Swain (3rd bidder) |
| 2. | Infront of Akash Institute Unit-4, BBSR | Rs. 1,86,000.00 | Rs.2,20,000.00 | Sri Ranjan Ku. Sethi (Highest Bidder) |
| | | | Rs.1,98,000.00 | Smark Kishor Das (2nd Bidder) |
| | | | Rs.1,90,000.00 | Sri Subrat Mishra (3rd bidder) |
| 3. | Big Bazar, Satya Nagar Bhubaneswar | Rs.12,52,000.00 | Rs.17,59,999.00 | Sri Rohit Panda (Highest Bidder) |
| | | | Rs.12,60,000.00 | Sri Dillip Ku. Biswal (2nd Bidder) |
| | | | Rs.12,55,111.00 | Ahamad Alli Khan (3rd bidder) |
| 4. | Infront of Hotel Pal Height Jayadev Vihar, BBSR | Rs.6,38,000.00 | Rs.6,42,000.00 | Sri Dillip Ku. Biswal (Single bidder) |
| 5. | Infront of Raj Electronics Bapuji Nagar | Rs.1,82,158.00 | Rs.2,90,144.00 | Sri Sudhamaya Parida (Single bidder) |
| 6. | Infront of Godabarish Sahitya Sansad, Unit-3, BBSR | Rs.1,09,720.00 | Rs.1,25,000.00 | Sri Bimal Prasad Sahoo (Single bidder) |
| 7. | Infront of Hotel May fair Jayadeve Vihar, BBSR | Rs.4,50,100.00 | Rs.4,56,000.00 | Sri Pradyumna Choudhury (Single bidder) |
| 8. | On Street Parking lot Commercial side from Master Canteen Square to Rajmahal Square, for Three Month only | Rs.6,62,474.00 | Rs.8,79,999.00 | Sri Rajesh Panda (Single bidder) |

କ୍ର.ନଂ- ୧ରେ Back side of Kalamandir , Unit-II, BBSR ପାଇଁ Upset Price Rs.6,50,000.00 ଥିବା ବେଳେ ଏହାର ସର୍ବୋଚ୍ଚ ଦରଦାତା Sri Debadutta Sahoo ତାଙ୍କର ନିବିଦା ଦର Rs.14,21,000.00 ମାତ୍ର ଦାଖଲ କରିଛନ୍ତି । କ୍ର.ନଂ- ୨ରେ Infront of Akash Institute, Unit-4, BBSR ପାଇଁ Upset Price Rs.1,86,000.00 ଥିବା ବେଳେ ସର୍ବୋଚ୍ଚ ଦରଦାତା Sri Ranjan Ku. Sethi ତାଙ୍କର ନିବିଦା ଦର Rs.2,20,000.00 ମାତ୍ର ଦାଖଲ କରିଛନ୍ତି । କ୍ର.ନଂ-୩ରେ Big Bazar, Satya Nagar, BBSR ପାଇଁ Upset Price Rs.12,52,000.00 ଥିବା ବେଳେ ସର୍ବୋଚ୍ଚ ଦରଦାତା Sri Rohit Panda ତାଙ୍କର ନିବିଦା ଦର Rs.17,59,999.00 ମାତ୍ର ଦାଖଲ କରିଛନ୍ତି । କିନ୍ତୁ Sri Rohit Panda ତାଙ୍କର EMD ରାଶି ସଠିକ୍ ଭାବରେ ପଇଠ କରିନଥିବାରୁ ତାଙ୍କର ନିବିଦା ଦରଖାସ୍ତକୁ Tender Committee ଙ୍କ ଦ୍ୱାରା ଆଗ୍ରାହ୍ୟ କରାଯାଇଛି । କ୍ରମିକ ନଂ-୪. Infront of Hotel Pal Height, Jayadev Vihar, BBSR ପାଇଁ Upset Price Rs.6,38,000.00 ଥିବା ବେଳେ ଏହାର ଏକମାତ୍ର ଦରଦାତା (Single Bidder) Sri Dillip Ku. Biswal ତାଙ୍କର ନିବିଦା ଦର Rs.6,42,000.00 ଦାଖଲ କରିଛନ୍ତି । କ୍ରମିକ ନଂ-୫. Infront of Raj Electronics, Bapuji Nagar ପାଇଁ Upset Price Rs.1,82,158.00 ଥିବା ବେଳେ ଏହାର ଏକମାତ୍ର ଦରଦାତା (Single Bidder) Sri Sudhamaya Parida ତାଙ୍କର ନିବିଦା ଦର Rs.2,90,144.00 ଦାଖଲ କରିଛନ୍ତି । କ୍ରମିକ ନଂ-୬. Infront of Godabarish Sahitya Sansad, Unit-3, BBSR ପାଇଁ Upset Price Rs.1,09,720.00 ଥିବା ବେଳେ ଏହାର ଏକମାତ୍ର ଦରଦାତା (Single Bidder) Sri Bimal Prasad Sahoo ତାଙ୍କର ନିବିଦା ଦର Rs.1,25,000.00 ଦାଖଲ କରିଛନ୍ତି । କ୍ରମିକ ନଂ-୭. Infront of Hotel May fair, Jayadeve Vihar, BBSR ପାଇଁ Upset Price Rs.4,50,100.00 ଥିବା ବେଳେ ଏହାର ଏକ ମାତ୍ର ଦରଦାତା (Single Bidder) Sri Pradyumna Choudhury ତାଙ୍କର ନିବିଦା ଦର Rs.4,56,000.00 ଦାଖଲ କରିଛନ୍ତ । ଏଠାରେ ପ୍ରକାଶ ଥାଉକି Sri Choudhury ତାଙ୍କର ଉପରୋକ୍ତ ନିବିଦା ଦର ଦାଖଲ କରିବେ ନାହିଁ ବୋଲି ଜଣାଇଛନ୍ତି । କ୍ରମିକ ନଂ-୮. On Street Parking lotCommercial side from Master Canteen Square to Rajmahal Square, Ashok Nagar for Three Month only ପାଇଁ Upset Price Rs.6,62,474.00 ଥିବା ବେଳେ ଏହାର ଏକମାତ୍ର ଦରଦାତା (Single Bidder) Sri Rajesh Panda ତାଙ୍କର ନିବିଦା ଦର Rs.8,79,999.00 ଦାଖଲ କରିଛନ୍ତି । କ୍ରମିକ ନଂ-୧, ୨ ଓ ୩ ନିବିଦା ଦରକୁ ନିଲାମ କମିଟି / Addl. Commissioner / ମାନ୍ୟବର ମେୟରଙ୍କ ଅନୁମୋଦନ କ୍ରମେ କାର୍ଯ୍ୟାଦେଶ ନିର୍ଗମନ ହୋଇଅଛି । ନିମ୍ନବର୍ଣ୍ଣିତ ପ୍ରସ୍ତାବ ଗୁଡିକ ଉପରେ କମିଟିଙ୍କ ବିଚ୍ଚର :-

(କ) କ୍ରମିକ ନଂ-୧ ଓ ୨ ପାର୍କିଂ ସ୍ଥଳ ନିଲାମ ଦରକୁ କାର୍ଯ୍ୟୋତ୍ତର ଗ୍ରହଣ କରାଯିବା, (ଖ) କ୍ରମିକ ନଂ-୩ ପାର୍କିଂ ସ୍ଥଳର ଆଗ୍ରାହ୍ୟ କରାଯାଇ ଦ୍ୱିତୀୟ ନିବିଦାଦାତା Sri Dillip Ku. Biswal ଙ୍କ ନିବିଦା ଦର Rs.12,60,000.00 ମାତ୍ରକୁ ଗ୍ରହଣ କରାଯିବା (ଗ) କ୍ରମିକ ନଂ- ୪, ୫, ୬ ଓ ୮ ଏକକ ନିବିଦା (Single Bidder) କୁ ଗ୍ରହଣ କରାଯିବା (ଘ) କ୍ରମିକ ନଂ-୭ର ଏକକ ନିବିଦାଦାତା Sri Pradyumna Choudhury ଙ୍କନିବିଦା ରଦ୍ଦ (Cancel) କରାଯାଇ ତାଙ୍କର EMD ରାଶିକୁ ବାଜ୍ୟାପ୍ତି କରାଯିବା ସମ୍ପର୍କରେ କମିଟିଙ୍କ ବିଚ୍ଚର :-(ନଥି ନଂ- XXII(L)-67/2014 (Pt.) ଟିପ୍ପଣୀ ମପୃଷ୍ଠା-୬୮ ରୁ ୭୩ ଦ୍ରଷ୍ଟବ୍ୟ)

ନିର୍ଦ୍ଧାରଣ -୯. ଏ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୧୦. ଭୁବନେଶ୍ୱର ମହାନଗର ନିଗମ ପରିଚ୍ଚଳିତ ପୌର ଚିକିତ୍ସାଳୟର ଅନ୍ତେବାସୀ ରୋଗୀ ମାନଙ୍କୁ ଖାଦ୍ୟ ଯୋଗାଣ ନିମନ୍ତେ (Deit Tender) TCN-789/ dt. 19.1.2015 ରେ ତୃତୀୟ ଥର ପାଇଁ ଆମନ୍ତ୍ରଣ କରାଯାଇଥିଲା । ଏଥିରେ ତିନି ଜଣ ନିବିଦା ଦାତା ଭାଗ ନେଇଥିଲେ । ନଥି ନଂ- BMC- Hospital-58/2012 ଟିପ୍ପଣୀ ପୃଷ୍ଠା-୫ରୁ ୬ ମଧରେ ବର୍ଣ୍ଣିତ ତଥ୍ୟ ଓ ପତ୍ରାଳାପ ପୃଷ୍ଠା-୨୦୭ରେ ଉପସ୍ଥାପିତ ତୁଳନାତ୍ମକ ବିବରଣୀ ଅନୁଯାୟୀ ସବନିମ୍ନ ଦରଦାତା NIPS, ଆନନ୍ଦପୁର, ଗ୍ରା- ସାଇଲଙ୍ଗ, ଜିଲ୍ଲା- କେଉଁଝରଙ୍କ ସର୍ବନିମ୍ନ ଦର ଶୁଖିଲା ଖାଦ୍ୟ ଟ.୪୯.୫୦ ପଇସା + ରନ୍ଧା ଖାଦ୍ୟ ଟ. ୩୯.୦୦ = ମୋଟ ଟ. ୮୮.୫୦ ପଇସା ମାତ୍ର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚ୍ଚର :-

ନିର୍ଦ୍ଧାରଣ -୧୦. ଏ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୧୧. Wholesale trader Cluster ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ତରଫରୁ RPF ମାଧ୍ୟମରେ Project Management Consultants (PMC) ନିଯୁକ୍ତି ପାଇଁ ସମ୍ବାଦପତ୍ର ମାଧମରେ ବିଜ୍ଞାପନ ନଂ-୨୯୫୪, ତା ୪.୨.୨୦୧୫ରିଖରେ ପ୍ରକାଶିତ ହୋଇଥିଲା । ଉକ୍ତ RPF ରେ ଦୁଇ ଗୋଟି ସଂସ୍ଥା ଯଥା - IL & FS COUSTER DEVELOPMENT INITIATIVE Ltd. & PRICE WATER HOUSE COOPER PVT. Ltd. ଅଂଶ ଗ୍ରହଣ କରିଥିଲେ । ସେଥି ମଧରୁ IL & FS କୁ ସମସ୍ତ କାଗଜାତ ତଦାରଖ କରି ଯୋଗ୍ୟତା ଭିତ୍ତିରେ ଯୋଗ୍ୟ ବିବେଚିତ ହୋଇଛନ୍ତି । ନଥି ନଂ- XXXVIII-55/2014 ଟିପ୍ପଣୀ ପୃଷ୍ଠା-୩ ରୁ ୧୨ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶକୁ ଭିତ୍ତି କରି ଏହା ଉପରେ କମିଟିଙ୍କ ବିଚ୍ଚର :-

ନିର୍ଦ୍ଧାରଣ -୧୧. ଏ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୧୨. ଭୁବନେଶ୍ୱର ମହାନଗର ନିଗମ ନିଜସ୍ୱ କର୍ମଚ୍ଚରୀଙ୍କ ଦ୍ୱାରା ପରିଚ୍ଚଳିତ ସଫେଇ ଓ ପରିମଳ କାର୍ଯ୍ୟ ୱାର୍ଡ ଗୁଡିକ ପାଇଁ ନିଗମ ପତ୍ର ସଂଖ୍ୟା-୫୪୬୬, ତା ୨୮.୨.୨୦୧୫ ରିଖରେ ୩ ଗୋଟି ଖବର କାଗଜ ମାଧମରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଉକ୍ତ ଟେଣ୍ଡରରେ ୫ ଗୋଟି ସଂସ୍ଥା ସେମାନଙ୍କର ସର୍ବନିମ୍ନ ଦର ଦାଖଲ କରିଥିଲେ । ନଥି ନଂ- XXXIV-GS-1/2015 ଟିପ୍ପଣୀ ପୃଷ୍ଠା-୭୭ରେ ଉପସ୍ଥାପିତ ତୁଳାନାତ୍ମକ ବିବରଣୀ ତଥ୍ୟକୁ ଭିତ୍ତି କରି M/s. Nilkamal Ltd. ଙ୍କ ସର୍ବନିମ୍ନ ଗୋଟା ପ୍ରତି ଦର

ଟ. ୩୦୧୪/- ମାତ୍ରରେ ୩୦୦ ଗୋଟି Plastic dustbin ର ସର୍ବମୋଟ ଦର ଟ. ୯,୦୪,୨୦୦/- (ନଅ ଲକ୍ଷ ଚାରି ହଜାର ଦୁଇ ଶହ ଟଙ୍କା) ମାତ୍ର ଗ୍ରହଣ/ ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ -୧୨. ଏ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୧୩. ନଥି ନଂ- XXXVI-114/2014 ଟିପ୍ପଣୀ ପୃଷ୍ଠା- ୧୦ ରୁ ୧୩ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ନିଗମରେ ୪୬ ଗୋଟି ଗାଡି ଭଡା ସୂତ୍ରେ ଲଗା ଯାଇ ଚୁକ୍ତିପତ୍ର ସମୟ ତା ୩୧.୧୨.୨୦୧୪ ରିଖରେ ସରି ଯାଉଥିବାରୁ ଗାଡି ଗୁଡିକର ଚୁକ୍ତିପତ୍ର ସମୟ ଆଉ ଦୁଇ ମାସ ବୃଦ୍ଧି କରିବା ସମ୍ପର୍କରେ କଂଷ୍ଟାକ୍ଟସ୍ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧୬, ତା ୨୩.୧୨.୨୦୧୪ ରିଖରେ ପ୍ରସ୍ତାବ ବର୍ଣ୍ଣିତ ଗାଡି ଗୁଡିକର ଚୁକ୍ତିପତ୍ର ସମୟ ଦୁଇ ମାସ ବୃଦ୍ଧି କରାଗଲା ଏବଂ ଏହି ଦୁଇ ମାସ ମଧ୍ୟରେ Pool Vehicle ପାଇଁ ନୂତନ ନିବିଦା ପ୍ରକ୍ରିୟା ଶେଷ କରିବା ନିମନ୍ତେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା । ତଦନୁଯାୟୀ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୪୪୮୨, ତା ୨୪.୧.୨୦୧୫ ରିଖରେ ଭଡା ସୂତ୍ରରେ ଗାଡି ଲଗାଇବା ପାଇଁ ନିବିଦା ଆହ୍ୱାନ କରାଯାଇ ତା ୦୯.୩.୨୦୧୫ ରିଖରେ ନିବିଦା ଗ୍ରହଣ କରାଯାଇଥିଲା ଉକ୍ତ ନିବିଦାଟି ଏକକ ନିବିଦା (Single Tender) ହୋଇଥିବାରୁ ପୁନଃ ନିବିଦା ଆହ୍ୱାନ କରାଯିବା ସହିତ ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭଡା ସୂତ୍ରରେ ଲାଗିଥିବା Annexure-C ମତେ ୫୨ ଗୋଟି ଗାଡି ଗୁଡିକର ସମୟସୀମା ଆଉ ୩ (ତିନି) ମାସ ଯଥା- ତା ୦୧.୦୩.୨୦୧୫ ରିଖ ଠାରୁ ତା ୩୧.୫.୨୦୧୫ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିବା ସମ୍ପର୍କରେ କମିଟିଙ୍କ ବିଚାର :-

ପ୍ରକାଶ ଥାଉକି ନିଗମରେ ନୂତନ ଭାବେ ଯୋଗ ଦେଇଥିବା ଅଧିକାରୀ ଓ କାର୍ଯ୍ୟାଳୟରେ ଜରୁରୀ ଆବଶ୍ୟକତା ଦୃଷ୍ଟିରୁ ପୂର୍ବରୁ ୪୬ ଗୋଟି ଗାଡି ସହିତ ନିମ୍ନଲିଖିତ ୬ (ଛଅ) ଗୋଟି ଗାଡି କାର୍ଯ୍ୟାଳୟର ଆଦେଶ ମତେ ନିୟୋଜିତ କରାଯାଇଅଛି । ଏହାର ଅନୁମୋଦନ ସମ୍ପର୍କରେ କମିଟିଙ୍କ ବିଚାର :-

| Sl. No. | Rgd. No. of Vehicle | Officer Used |
|---|---|---|
| 1. | 0R-02-C-6969 (INDIGO) | Dy. Commissioner (Estt.) |
| 2. | OR-02-BB-7332 (INDICA) | Sr. Mpl. Planner |
| 3. | OR-02-BQ-1375 (INDICA) | SBA Cell |
| 4. | OD-02-G-3773 (BOLERO) | Tax Squard |
| 5. | OR-02-U-2907 (Mini Truck) | Enf. Squard |
| 6. | OR-29-4899 | Tractor for Water Tanker |

ନିର୍ଦ୍ଧାରଣ -୧୩. ଏ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ -୧୪. ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ Bhubaneswar Street Light Project ର ବୈଦ୍ୟୁତିକ କାର୍ଯ୍ୟ ନିମନ୍ତେ Energy Performance Contract ର Clause-9(i) ଏବଂ Agreement No-733, Dt. 08/05/2014 ମୁତାବକ M/s. CTRAN Consulting Ltd. ଙ୍କୁ Base line Energy Audit କରିବା ନିମନ୍ତେ Third Party Indepentent Energy Autitor ରୂପେ BMC ସହିତ ଅନୁବନ୍ଧିତ କରାଯାଇଥିଲା । M/s. CTRAN, BMC ଅନ୍ତର୍ଗତ ପ୍ରତ୍ୟେକ Switch Point wise ସମୀକ୍ଷା କରି ନିର୍ଦ୍ଦିଷ୍ଟ Base line Energy Consumption Report ଅନୁମୋଦନ କରିବା ପରେ M/s. Super Wealth (ESCO) ଉକ୍ତ Switch Point ର ନିୟନ୍ତ୍ରଣରେ ଥିବା ବିଦ୍ୟୁତ୍ ଖୁଣ୍ଟ ଗୁଡିକର S.V. Light ପରିବର୍ତ୍ତନ କରି LED Fittings ସଂଯୋଗ କରନ୍ତି । ପ୍ରକାଶ ଥାଉକି Agreement ମୁତାବକ ପ୍ରତ୍ୟେକ Switch Point ର Base line Energy Consumption Report କୁ ତିନି ଦିନ ମଧ୍ୟରେ Audit କରି ଦାଖଲ କରିବା ନିମନ୍ତେ ସର୍ତ୍ତ ହୋଇଥିଲା । ଏହି ଅନୁପାତରେ ମାସିକ ସର୍ବନିମ୍ନ ୨୫ ଗୋଟି Switch Point ର Base line Energy Consumption Report ଦାଖଲ କରିବା ପାଇଁ ସମ୍ମତି ହୋଇଥିଲେ । M/s. CTRAN ଙ୍କ କ୍ଷେତ୍ରରେ ଏହାର ଅବହେଳା ପରିଲିଖିତ ହୋଇଥିଲା । ବିଗତ ୬ ମାସ ମଧ୍ୟରେ M/s. CTRAN ମାତ୍ର ୫୨ ଗୋଟି Switch Point ର Audit Report ଦାଖଲ କରିବା ପାଇଁ ସକ୍ଷମ ହୋଇଛନ୍ତି । M/s. Super Wealth କାର୍ଯ୍ୟର ମଧ ବିଳମ୍ବ ପରିଲିଖିତ ହେଲା । ଉପରୋକ୍ତ ବିଷୟରେ PPP Project ର Review in Meeting ରେ ବାରମ୍ବାର ଉପସ୍ଥାପନ କରି M/s. CTRAN ଙ୍କୁ ତାଗିଦ୍ ସତ୍ତ୍ୱେ ମଧ Man Power ଅଭାବର ଆଳ କରି ପୂର୍ବ Perfermanance ର ଧାରା ବଜାଇ ରଖିଲେ । ଶେଷରେ ଏହା ନିଷ୍ପତ୍ତି ହେଲା ଯେ, ୩ ଦିନ ପରିବର୍ତ୍ତେ ଉକ୍ତ କାର୍ଯ୍ୟଧାରାକୁ ତ୍ୱରାନ୍ୱିତ କରିବା ପାଇଁ ଗୋଟିଏ ଦିନ ମଧ୍ୟରେ ପ୍ରତ୍ୟେକ Switch Point ର Audit Report ପ୍ରସ୍ତୁତ କରାଯିବ ଓ ଏଥିପାଇଁ IFC Transctory Advisor ମଧ ସମ୍ମତି ପ୍ରକାଶ କରିଥିଲେ । ନିଷ୍ପତ୍ତି ଅନୁସାରେ M/s. CTRAN ଙ୍କୁ ପ୍ରତି ସପ୍ତାହକୁ ୨୫ ଗୋଟି Audit Report ପ୍ରସ୍ତୁତ କରି BMC ରେ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହା ସତ୍ତ୍ୱେ M/s. CTRAN ଙ୍କର କାର୍ଯ୍ୟରେ କୌଣସି ଉନ୍ନତି ପରିଲିଖିତ ହେଲା ନାହିଁ । ଯାହା ଫଳରେ M/s. Super Wealth ର କାର୍ଯ୍ୟରେ ମଧ ବାଧା ପରିଲିଖିତ ହେଲା । ନଥି ନଂ- XXVII-129/2013 ଟିପ୍ପଣୀ ପୃଷ୍ଠା-୩୯ ରୁ ୪୨ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ IFC ସହିତ ପରାମର୍ଶ କରାଯାଇ M/s. CTRAN ର Conctract ବାତିଲ (Rescined) କରିବା ଏବଂ Switch Point ର Specific Energy Consumption କୁ 1.16 ରେ କରିବା ପାଇଁ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ -୧୪. ଏ ପ୍ରସ୍ତାବ ସର୍ବସମ୍ମତି କ୍ରମେ ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ -୧୫. କଣ୍ଷ୍ଟ୍ରାକ୍ସ ଷ୍ଟାଣ୍ଡିଂ କମିଟିଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଉପରୋକ୍ତ ନିର୍ଦ୍ଧାରଣ ଗୁଡିକ ଆଇନ୍ ଅନୁଯାୟୀ ଏବଂ Codal Procedure ଅନୁସରଣ କରି ଆବଶ୍ୟକୀୟ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସର୍ବସମ୍ମତି କ୍ରମେ ମ୍ୟୁନିସିପାଲ କମିଶନରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

କଣ୍ଷ୍ଟ୍ରାକ୍ସ ଷ୍ଟାଣ୍ଡିଂ କମିଟିରେ ଉପସ୍ଥାପନ କରାଯାଉଥିବା ନଥିରେ ସଂପୃକ୍ତ ଠିକାଦାର / ସପ୍ଲାୟର ମାନଙ୍କ ଦ୍ୱାରା ପ୍ରଦତ୍ତ ଟେଣ୍ଡର / ନିବିଦାରେ ଲିଖିତ ସୂଚନା / ତଥ୍ୟ (Information & Facts) ଏବଂ ନିଗମ ତରଫରୁ ପ୍ରସ୍ତୁତ ବିସ୍ତୃତ ଟେଣ୍ଡର ନୋଟିସ୍ (DTCN) ର ସର୍ତ୍ତାବଳୀରେ ଭବିଷ୍ୟତରେ ଯଦି କୌଣସି ଅସାମଞ୍ଜସ୍ୟ / ତାରତମ୍ୟ (Difference), ତ୍ରୁଟି, ଖିଲାପ ପରିଲକ୍ଷିତ ହୁଏ, ତେବେ ସଂପୃକ୍ତ ଟେଣ୍ଡର ପେପର / ଡକ୍ୟୁମେଣ୍ଟ ଗୁଡିକୁ ଯାଞ୍ଚ (Check) କରିଥିବା ସମସ୍ତ ସରକାରୀ ଅଧିକାରୀ ମାନେ ଏଥିପାଇଁ ଦାୟୀ ରହିବେ ବୋଲି ନିଷ୍ପତ୍ତି ହେଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୬.୩୦ ମିନିଟ୍ ସମୟରେ ସଭା ସାଂଗ କରାଗଲା

ସ୍ୱା/-ଅନନ୍ତ ନାରାୟଣ ଜେନା
ସଭାପତି
ତା 25.3.2015 ରିଖ

Present Status of hired Vehicle

# NOTE SHEET

Annex - a

| Sl No | Regd. No of Vehicle | Type of Vehicle | Officers Used. |
|---|---|---|---|
| 1 = | OD-07-G-0777 | Swift Dizr | Dy. Mayor |
| 2 = | OD-02-E-4455 | INDIGO | Addl. Commissioner (D. Baroda) |
| 3 = | OR-05-AU-6101 | INDIGO | Addl. Commissioner (A.K. Kar) |
| 4 = | OR-02-BM-8338 | INDIGO | Dy. Commissioner (Project) (Srimanta Mishra) |
| 5 = | OR-02-BX-0556 | INDIGO | Dy. Commissioner (Recovery) (Deepak Rautray) |
| 6 = | OD-02-C-3863 | INDIGO | Dy. Commissioner (Slum) (Diptirani Sahoo) |
| 7 = | OR-22-C-6969 | INDIGO | Dy. Commissioner (Estt.) (Aradhana Das) |
| 8 = | OR-05-AC-5316 | INDICA | C.F.O. (Labanya Sabar) |
| 9 = | OD-02-T-0510 | INDIGO | City Engineer (B.K. Parida) |
| 10 = | OD-02-D-4571 | INDIGO | EE-I - Div-I (R.N. Mallick) |
| 11 = | OD-05-A-7662 | MAHINDRA | E.E-II - Div-II (A.K. Parida) |
| 12 = | OR-02-AH-4355 | INDIGO | C.M.M.O. (N.K. Sahoo) |
| 13 = | OR-02-BQ-9993 | INDIGO | Enviorment Officer B.K. Raut Ray |
| 14 = | OR-02-BB-2687 | INDIGO | A.L.O. (Md. Mahajid.) |
| 15 = | OR-02-AH-8790 | INDIGO | AE-Civil-Div-I (Saroj Mohapatra) |

Nothing to be written below this line

0674-2431253
0674-2431403

# BHUBANESWAR MUNICIPAL CORPORATION

Ref.: ____________

Date: ____________

| | Regd. no of Vehicle | Type of Vehicle | Officers Used. |
|---|---|---|---|
| = | OR-05-AF-7039 | INDICA | E.O. Monaja Devi |
| = | OR-02-BM-8926 | INDICA | AE (Civil) M.R. Pal |
| 3 = | OR-02-AZ-0320 | INDICA | A.E (Civil) A. Patra |
| 19 = | OR-02-BQ-0716 | INDIGO | A.E (Civil) J. Pattanaik |
| 20 = | OD-02-F-7782 | INDIGO | D.E.E S.K. Nasurlla. |
| 21 = | OR-05-AE-9315 | INDIGO | A.E (Civil) |
| 22 = | OR-02-BX-0530 | INDIGO | D.E.E |
| 23 = | OD-02-J-2876 | INDIGO | A.E. EIECT A. Behera |
| ~~24 =~~ | ~~OD-02-F-9289~~ | ~~Mahindra~~ | A.E (Mech) N.R. Mishra. |
| 25 = | OR-02-BN-0559 | INDICA | C.H.O Dr. C.P. Dash |
| 26 = | OR-02-BL-1405 | INDICA | Asst. C.H.O |
| 27 = | OR-02-BN-7035 | BOLORA | F.I. |

0674-2431253
0674-2431403

# BHUBANESWAR MUNICIPAL CORPORATION

Ref.: ______________ Date: ______________

| Sl. No | Regd no of Vehicle | Type of Vehicle | Officers Used. |
|---|---|---|---|
| 28 | OR-02-AM-2728 | INDICA | S.I.S. |
| 29 | OR-02-BL-8828 | INDICA | Tax Squard. |
| 30 | OD-02-K-7816 | BOLORA | Tax Squard. |
| 31 | OR-02-AZ-5355 | INDICA | Tax Squard. |
| 32 | OR-05-AU-0041 | BOLORA | Lincees Section. |
| 33 | OD-02-G-5375 | BOLORA | Enforcement Squard. |
| 34 | OD-02-L-4675 | BOLORA | Lience Squard. |
| 35 | OR-02-BB-7332 | INDICA | Sr. Municipal Planner. |
| 36 | OD-02-U-2876 | INDIGO (New) | Ray Cell. |
| 37 | OR-02-BQ-1375 | INDICA (New) | Swachha Bharat Abhijan. |
| 38 | OD-02-G-3773 | BOLORA | Tax Squard. |
| 39 | OR-02-BA-8917 | TATA-ACE | Electrical Section. |
| 40 | OR-05-AG-4668 | TATA-ACE | -do- |
| 41 | OD-02-J-5386 | Trally Auto | -do- |
| 42 | OD-02-U-0948 | Trally Auto (New) | -do- |

☎ 0674-2431253
0674-2431403

# BHUBANESWAR MUNICIPAL CORPORATION

Ref.: ____________

Date: ____________

| | Regd no of Vehicle | Type of Vehicle | Officers Used. |
|---|---|---|---|
| 3 = | OR - 02 - BH - 9437 | Trally Auto | Electrical Section. |
| 4 = | OR - 02 - BN - 7717 | C. Truck | Enforcement Squard. |
| 45 = | OR - 02 - M — 8717 | Mini Truck | Lience Squard. |
| 46 = | OR - 02 - U — 2907 | Mini Truck | Enforcement Squard. |
| 47 = | OR - 02 - AP — 4721 | Excavator | Sanitation. |
| 48 = | OD - 02 - A — 2421 | Excavator | — do — |
| 49 = | OD - 02 - G — 9651 | Excavator | — do — |
| 50 = | OR - 02 - AC — 5865 | Tipper | Dead Bull shifted. |
| 51 = | OR - 02 - R - 0628 | Tractor | Cow Catcher |
| 52 = | OR - 29 — 4899 | Tractor | Water Tanker. |

23/

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 16.3.2015 ରିଖ.

ସମୟ -ପୂର୍ବାହ୍ନ ଘ. 11.00 ଟିକା
ସ୍ଥାନ - ଷ୍ଟାଣ୍ଡିଂ କମିଟି ସଭା ଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

1. ସେଖ୍ ନିଜାମ ଉଦ୍ଦିନ୍, ଚେୟାରମ୍ୟାନ୍,
2. ଶ୍ରୀମତୀ ମହାମାୟା ସ୍ୱାଇଁ
3. ଶ୍ରୀମତୀ ଶାଶ୍ୱତୀ ମିଶ୍ର
4. ପ୍ରୀତିନନ୍ଦା ରାଉତରାୟ
5. ଶ୍ରୀମତୀ ସିମା ନାୟକ

ଅଦ୍ୟ ତା 16.3.2015 ରିଖ ପୂର୍ବାହ୍ନ ଘ. 11.00 ଟିକା ସମୟରେ ନିଗମର ଷ୍ଟାଣ୍ଡିଂ କମିଟି ସଭା ଗୃହରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍,ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ସେଖ୍ ନିଜାମ ଉଦ୍ଦିନ୍ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ଭୁବନେଶ୍ୱର ମହାନଗର ନିଗମରେ ନୂତନ ଭାବେ ଯୋଗ ଦେଇଥିବା ଅତିରିକ୍ତ କମିଶନର ଶ୍ରୀ ଆଲୋକ କୁମାର କରଙ୍କୁ କମିଟି ତରଫରୁ ସ୍ୱାଗତ କରାଯାଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା Industrial Estate ଅଞ୍ଚଳରେ ନିଗମ ସଫେଇ ଓ ପରିମଳ କାର୍ଯ୍ୟ, ରାସ୍ତାଲୋକ, ନାଳ ସଫେଇ, ବୃକ୍ଷ କଟିଙ୍ଗ ଇତ୍ୟାଦି ସେବା ଯୋଗାଉ ଥିବାରୁ ସେହି ଅଞ୍ଚଳରେ ଥିବା ଗୃହ ଗୁଡିକରୁ ଟିକସ ଏବଂ user charges ଆଦାୟ କରାଯାଉ । ସେମାନେ ଏହି ଅର୍ଥ ନଦେଲେ ଉପରୋକ୍ତ ସେବା ସେଠାରେ ବନ୍ଦ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ନୂତନ ଭାବେ ମିଶିଥିବା ପାଞ୍ଚ ଗୋଟି ଗ୍ରାମ ଯଥା- ପାତ୍ରପଡା, ଭଗବାନପୁର, ଶଙ୍କରପୁର, ସୁବୁଦ୍ଧିପୁର ଏବଂ ପାଇକରାପୁରରେ ରାସ୍ତା, ନାଳ ସଫେଇ ଓ ପରିମଳ, ରାସ୍ତାଲୋକ କାର୍ଯ୍ୟ କରାଯିବା ସହିତ ସେହି ଗ୍ରାମ ଗୁଡିକରୁ ଆସନ୍ତା ଆର୍ଥିକ ବର୍ଷ ଠାରୁ ଗୃହ ଟିକସ ଏବଂ user charges ଆଦାୟ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ରାଜ୍ୟ ସରକାର ରାଜପତ୍ର ମାଧ୍ୟମରେ user charges ଆଦାୟ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଭୁବନେଶ୍ୱର ମହାନଗର ନିଗମାଞ୍ଚଳରେ ଥିବା ହୋଟେଲ, ରେଷ୍ଟୁରାଣ୍ଟ, ଦୋକାନ ଗୃହ ଓ ବୁଲା ବିକାଳିମାନଙ୍କର ତା ୩୧.୩.୨୦୧୫ ରିଖ ପରେ ତାଲିକା କରିବା ପାଇଁ ନିଗମର ଟିକସ ଅସୁଲକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା

ନିର୍ଦ୍ଧାରଣ-୧(୪). ରାଜ୍ୟ ସରକାର ରାଜପତ୍ର ତା ୧୭.୧୨.୨୦୧୩ ରିଖରେ Installation of Telecom Tower & in Urban area of Odisha ପାଇଁ Regulation ଜାରି କରିଛନ୍ତି । ସେହି guidline ଅନୁଯାୟୀ ନିଗମ ଟେଲିକମ୍ ସଂସ୍ଥାଙ୍କୁ ଅନୁମତି ଦେବା ଆବଶ୍ୟକ । ଲାଇସେନ୍ସ ଉପବିଭାଗରେ ବୈଷୟିକ ଜ୍ଞାନ ସମ୍ପର୍କ ବ୍ୟକ୍ତି ନଥିବାରୁ ଏହାକୁ ଠିକ୍ ରୂପେ ତଦାରଖ କରାଯାଇ ପାରୁନାହିଁ । କେତେକ ସଂସ୍ଥା ନିୟମ ଉଲ୍ଲଙ୍ଘନ କରି ଟାୱାର ନିର୍ମାଣ କରିଛନ୍ତି । ଏହାକୁ Survey କରାଯାଉ । ଯେଉଁମାନେ ନିୟମ ଉଲ୍ଲଙ୍ଘନ କରିଛନ୍ତି, ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ କରାଯିବ ଏବଂ ଏଣିକି ଏହି କାର୍ଯ୍ୟ କରିବା ପାଇଁ ନିଗମର ନଗର ଯନ୍ତ୍ରୀଙ୍କୁ ଦାୟିତ୍ୱ ଦେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଭୁବନେଶ୍ୱର ମହାନଗର ନିଗମ OFDC ମାଧ୍ୟମରେ ନିଗମାଞ୍ଚଳରେ ବୃକ୍ଷ ରୋପଣ କରୁଛନ୍ତି । OFDC ଗଛ ଗୁଡିକର ଠିକ୍ ରୂପେ ରକ୍ଷଣାବେକ୍ଷଣ କରୁନଥିବାରୁ ମରି ଯାଉଅଛି । ତେଣୁ ନିଗମ ନିଜେ ଏହି କାର୍ଯ୍ୟ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମ ପରିଚାଳିତ ଯାତ୍ରୀ ନିବାସ ଆର୍ଥିକ କ୍ଷତିରେ ଚାଲୁନାହିଁ । ଏଥିପାଇଁ ହୋଇଥିବା Room Rate ବିଭିନ୍ନ ହୋଟେଲ ଥିବା Room Rate ଠାରୁ କମ୍ ଅଛି । ତେଣୁ ନିମ୍ନବର୍ଣ୍ଣିତ ମତେ Room Rate ବୃଦ୍ଧି କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

| | ପ୍ରଚଳିତ ଦର | ବର୍ଦ୍ଧିତ ଦର |
|---|---|---|
| 1. Three Beded Room with attached Bath Room | Rs.300.00 | Rs.500.00 |
| 2. Three Beded Room (Ist.floor) | Rs.200.00 | Rs.350.00 |
| 3. Three Beded Room (2nd floor) | Rs.150.00 | Rs.250.00 |
| 4. Seventeen Beded Room | Rs.900.00 | Rs.1500.00 |

ପ୍ରକାଶ ଥାଉକି ବିଗତ ତିନି ବର୍ଷ ପୂର୍ବରୁ ଯାତ୍ରୀ ନିବାସର ମରାମତି କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ଏହି ଗୃହ ଗୁଡିକ ଖରାପ ହୋଇ ଗଲାଣି । ତେଣୁ ଏହାକୁ ମରାମତି କରିବା ଏବଂ ନୂଆ ବେଡ ଓ ବେଡ୍‌ସିଟ୍ ବ୍ୟବସ୍ଥା କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୭). ଭୁବନେଶ୍ୱରର ମହାନଗର ନିଗମର ଯେଉଁ ସବୁ ପ୍ରୋଗ୍ରାମ ହେଉଅଛି, ସେ ବିଷୟରେ କର୍ପୋରେଟର ମାନେ ଜାଣି ପାରୁନାହାଁନ୍ତି । ଆଜି କାଲି ବୈଷୟିକ (I.T.) ମାଧ୍ୟମରେ କମ୍ପାନୀମାନେ ମଧ ମାସେଜ ଦେଉଛନ୍ତି । ସେହି ଭଳି ନିଜର ହେଉଥିବା ପୋଗ୍ରାମ ଗୁଡିକ ବିଷୟରେ କର୍ପୋରେଟରମାନଙ୍କୁ ମାସେଜ (massage I.T.) ମାଧ୍ୟମରେ ପଠାଇବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୮). ଭୁବନେଶ୍ୱର ମହାନଗର ନିଗମର ହୋଲଡିଂ ୱାର୍ଡ ନଂ-୧୧ରୁ Hand held Device ମାଧ୍ୟମରେ ଗୃହ ଟିକସ ସଫଳ ଭାବରେ ଆଦାୟ ହୋଇଥିବାରୁ ନିଗମର ପ୍ରତ୍ୟେକ ୱାର୍ଡରୁ Hand held Device ମାଧ୍ୟମରେ ଗୃହ ଟିକସ ଏବଂ Trade License ଆଦାୟ କରିବା ପାଇଁ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 1.05 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା/-ସେଖ୍ ନିଜାମ ଉଦ୍ଦିନ୍

ସଭାପତି

ତା 16.3.2015 ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଗ୍ରୀଭାନସ୍ ଆଣ୍ଡ ସୋସିଆଲ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା 25.3.2015 ରିଖ.

